# NATIONAL NEWS BULLETIN (ODIA)

**15 April - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୁପ୍ରିମକୋର୍ଟ ଓ ହାଇକୋର୍ଟ ଗୁଡ଼ିକର ୨୧ ଜଣ ଅବସରପ୍ରାପ୍ତ ବିଚାରପତି' ନ୍ୟାୟପାଳିକାକୁ ଦୁର୍ବଳ କରିବା ଲାଗି କିଛି ଗୋଷ୍ଠୀ ଉଦ୍ୟମ କରୁଥିବା ଉପରେ ଉଦ୍‌ବେଗ ପ୍ରକାଶ କରି ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଛନ୍ତି ।

- ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ BRS ନେତା  କେ.କବିତାଙ୍କୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି ।

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପୂର୍ବରୁ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ୪ ହଜାର ୬୫୦ କୋଟି ଟଙ୍କା ଜବତ କରିଛନ୍ତି ।

- ସେନାବାହିନୀ ମୁଖ୍ୟ ଜେନେରାଲ୍ ମନୋଜ ପାଣ୍ଡେ ଉଜ୍‌ବେକିସ୍ତାନକୁ ୪ ଦିନ ଗସ୍ତରେ ଯାଇଛନ୍ତି ।

ଏବଂ

- ଗାଜାରେ ସୃଷ୍ଟି ହୋଇଥିବା ସଂକଟର ସମାଧାନ ପାଇଁ କୂଟନୈତିକ ଉଦ୍ୟମ ଆରମ୍ଭ ଉପରେ ଆମେରିକା ଗୁରୁତ୍ୱ ଦେଇଛି ।

# ରିଟାୟାର୍ଡ ଜଜେସ୍

ସୁପ୍ରିମକୋର୍ଟ ଓ ହାଇକୋର୍ଟ ଗୁଡ଼ିକର ୨୧ ଜଣ ଅବସରପ୍ରାପ୍ତ ବିଚାରପତି' କିଛି ଗୋଷ୍ଠୀ ନ୍ୟାୟପାଳିକାକୁ ଦୁର୍ବଳ କରିବା ପାଇଁ ଉଦ୍ୟମ କରୁଥିବା ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେହି ଗୋଷ୍ଠୀ ଗୁଡ଼ିକ ନ୍ୟାୟପାଳିକା ଉପରେ ଚାପ ପକାଇ, ଭୁଲ୍ ସୂଚନା ପ୍ରଦାନ କରି ଓ ସମାଜର ପ୍ରତିନିଧିତ୍ୱ କରୁଥିବାର ଦର୍ଶାଇ ଏଭଳି କାର୍ଯ୍ୟ କରୁଛନ୍ତି । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ପାଖକୁ ଚିଠି ଲେଖି ସେମାନେ ଏହା ଜଣାଇଛନ୍ତି । ବିଚାରପତିମାନେ କହିଛନ୍ତି ଏହି ଗୋଷ୍ଠୀ ଗୁଡ଼ିକ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଓ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ନ୍ୟାୟପାଳିକା ଉପରୁ ସର୍ବସାଧାରଣଙ୍କ ଆସ୍ଥାକୁ ଦୁର୍ବଳ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ସେମାନେ ଏଥିପାଇଁ ବହୁମୁଖୀ ଓ ବିପଜ୍ଜନକ ଉପାୟମାନ ଗ୍ରହଣ କରି ନ୍ୟାୟପାଳିକା ଓ ବିଚାରପତିମାନଙ୍କ ବିଶ୍ୱସନୀୟତା ଉପରେ ଅପପ୍ରଚାର କରୁଛନ୍ତି ।

ସେହି ଚିଠିରେ ବିଚାରପତିମାନେ କହିଛନ୍ତି ଏଭଳି କାର୍ଯ୍ୟ ନ୍ୟାୟପାଳିକାର ପବିତ୍ରତାକୁ ନଷ୍ଟ କରିବା ସହ ବିଚାରପତିମାନଙ୍କ ନିରପେକ୍ଷତା ଓ ସଚ୍ଚୋଟତା ନୀତି ପ୍ରତି ବିପଦ ସୃଷ୍ଟି କରୁଛି । ସୁପ୍ରିମକୋର୍ଟଙ୍କ ନେତୃତ୍ୱରେ ନ୍ୟାୟପାଳିକା ଏଭଳି ଚାପର ବଶବର୍ତ୍ତୀ ନ ହେବାକୁ ସେମାନେ ନିବେଦନ କରିଛନ୍ତି । ଏହାଦ୍ୱାରା ଦେଶର ନ୍ୟାୟ ବ୍ୟବସ୍ଥାର ପବିତ୍ରତା ଓ ସ୍ୱାୟତ୍ତତା ବଜାୟ ରଖାଯାଇ ପାରିବ ବୋଲି ବିଚାରପତିମାନେ କହିଛନ୍ତି।

# ଦିଲ୍ଲୀ କୋର୍ଟ-କବିତା କଷ୍ଟୋଡି

ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ BRS ନେତା କେ.କବିତାଙ୍କୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି । ଦିଲ୍ଲୀ ଅବକାରୀ ନୀତି ମାମଲାରେ ତାଙ୍କୁ କୋର୍ଟ ନ୍ୟାୟିକ ହାଜତକୁ ପଠାଇଛନ୍ତି । କେ. କବିତାଙ୍କ ୩ ଦିନିଆ ପୋଲିସ୍ ହାଜତର ରହଣି ସମୟ ଶେଷ ହୋଇଯିବା ପରେ ତାଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା । ଗତମାସ ୧୫ ତାରିଖରେ ତାଙ୍କୁ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ଗିରଫ କରିଥିଲା । ଏହାପରେ ତାଙ୍କୁ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ CBI ହାଜତକୁ ପଠାଯାଇଥିଲା । CBI ଗତ ୧୧ ତାରିଖରେ ତାଙ୍କୁ ଗିରଫ କରିଥିଲା ଓ ତିହାଡ଼ ଜେଲ୍‌କୁ ପଠାଇଥିଲା ।

# କେରଳ କ୍ୟାମ୍ପେନ୍

କେରଳରେ ଆସନ୍ତା ୨୬ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟରେ ଲୋକସଭା ନିର୍ବାଚନରେ ମତଦାନ ହେଉଥିବା ବେଳେ ବଡ଼ବଡ଼ ରାଜନୈତିକ ଦଳଗୁଡ଼ିକର ତୁଙ୍ଗ ନେତାମାନେ ରାଜ୍ୟରେ ପ୍ରଚାର ଚଳାଇଛନ୍ତି । ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଲାତୁର ନିର୍ବାଚନ ମଣ୍ଡଳୀରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ପରେ ସେ କଟାକଡା ଠାରେ ଏକ ସଭାରେ ଉଦ୍‌ବୋଧନ ଦେବେ ।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ସନ୍ଧ୍ୟାରେ କୋଜିକୋଡେ ଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେବେ । ୱାୟାନାଡା ନିର୍ବାଚନ ମଣ୍ଡଳୀରେ ସେ ଆଜି ଓ ଆସନ୍ତାକାଲି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ୱାୟାନାଡାରୁ ସେ ପୁନଃ ନିର୍ବାଚିତ ହେବାକୁ ଆଶାୟୀ ଅଛନ୍ତି । LDF ନେତା ସୀତାରାମ ୟେଚୁରୀ, ପ୍ରକାଶ କରାତ୍‌, ବ୍ରିନ୍ଦା କରାତ, ସୁଭାଷିନୀ ଅଲ୍ଲୀ ଓ ତପନ ସେନ୍ ଚଳିତ ସପ୍ତାହରେ ନିର୍ବାଚନ ପ୍ରଚାର କରିବେ ।

## ମଣିପୁର କ୍ୟାମ୍ପେନ୍

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଆଜି ଇମ୍ଫାଲ୍ ଠାରେ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ପ୍ରଚାର କରିବେ । ଆଜି ଅପରାହ୍ନରେ ସେ ତ୍ରିପୁରାର ଇମ୍ଫାଲ୍‌ରେ ଯାଇ ପହଞ୍ଚିବେ । ଶ୍ରୀ ଶାହା ମଣିପୁରକୁ ଦିନିକିଆ ଗସ୍ତରେ ଯାଇଛନ୍ତି । ଇମ୍ଫାଲ୍ ଠାରେ ସେ ଏକ ସଭାରେ ଉଦ୍‌ବୋଧନ ଦେବେ । ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, ବିଜେପି ମଣିପୁର ଶାଖା ସଭାପତି ଓ ଅନ୍ୟ ନେତାମାନେ ଏଥିରେ ଅଂଶ ଗ୍ରହଣ କରିବେ ।

ବିଜେପି ଇନର୍ ମଣିପୁର ଲୋକସଭା ଆସନରେ ଥୋନାଜାମ୍ ବସନ୍ତକୁମାରଙ୍କୁ ପ୍ରାର୍ଥୀ କରିଛି । ଆଉଟର୍ ମଣିପୁର ନିର୍ବାଚନ ମଣ୍ଡଳୀରେ ବିଜେପି ନାଗା ପିପୁଲ୍‌ସ ଫ୍ରଣ୍ଟ୍‌କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି । କଂଗ୍ରେସ ଓ ଏହାର ମିତ୍ରଦଳ ଗୁଡ଼ିକ ଇନର୍ ମଣିପୁର ଲୋକସଭା

ଆସନରେ କଂଗ୍ରେସ ପ୍ରାର୍ଥୀ ଅଙ୍ଗୋମଚା ବିମଲ୍ ଆକୋଇଜାମ୍ ଙ୍କ ସମର୍ଥନରେ ପ୍ରଚାର କରୁଛନ୍ତି। କଂଗ୍ରେସ ଗତକାଲି ରାଜ୍ୟରେ ୪ଟି ର୍‌ୟାଲି କରିଥିଲା । ମଣିପୁରର ଜାତୀୟ ସଂକଟର ସମାଧାନ କରିବାକୁ କଂଗ୍ରେସ ଘୋଷଣା କରିଛି ।

## ଆର୍ମି ଚିଫ୍ ଉଜ୍‌ବେକିସ୍ତାନ

ସେନାବାହିନୀ ମୁଖ୍ୟ ଜେନେରାଲ୍ ମନୋଜ ପାଣ୍ଡେ ଉଜ୍‌ବେକିସ୍ତାନକୁ ୪ ଦିନ ଗସ୍ତରେ ଯାଇଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ପାରସ୍ପରିକ ବୁଝାମଣା ଓ ଦ୍ୱିପକ୍ଷୀୟ ପ୍ରତିରକ୍ଷା ସହଯୋଗ ବୃଦ୍ଧି ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଉଜ୍‌ବେକିସ୍ତାନ ପ୍ରତିରକ୍ଷା ବିଭାଗର ନେତାମାନଙ୍କ ସହ ସେ କଥାବାର୍ତ୍ତା କରିବେ । ମନ୍ତ୍ରଣାଳୟ କହିଛି ଜେନେରାଲ୍ ମନୋଜ ପାଣ୍ଡେଙ୍କର ଏହି ଗସ୍ତ ଭାରତ -ଉଜ୍‌ବେକିସ୍ତାନ ସାମରିକ ସହଯୋଗକୁ ସୁଦୃଢ଼ କରିବା ଓ ଦୁଇଦେଶ ମଧ୍ୟରେ ଥିବା ନୂଆ ନୂଆ କ୍ଷେତ୍ର ଗୁଡ଼ିକରେ କାର୍ଯ୍ୟ କରିବାକୁ ସେଗୁଡ଼ିକର ଚିହ୍ନଟ କରିବାକୁ ଉଦ୍ଦିଷ୍ଟ ।

## ନାଗପୁର-ଭିପି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼' ନାଗପୁରସ୍ଥିତ ଜାତୀୟ ପ୍ରତ୍ୟକ୍ଷ ଟିକସ ଏକାଡେମୀ ଠାରେ ୭୬ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା ଅଫିସରମାନଙ୍କ

ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେବେ । ସେହି ବ୍ୟାଚ୍‌ରେ ୫୬ ଜଣ ରାଜସ୍ୱ ସେବା ଅଫିସର ଓ ୨ ଜଣ ରୟାଲ୍ ଭୁଟାନ୍‌ସ ସେବା ଅଫିସର ଅଛନ୍ତି । ଜାତୀୟ ପ୍ରତ୍ୟକ୍ଷ ଟିକସ ଏକାଡେମୀ’ ଭାରତୀୟ ରାଜସ୍ୱ ସେବା ଅଫିସରମାନଙ୍କ ତାଲିମ ପାଇଁ ସର୍ବୋଚ୍ଚ ଅନୁଷ୍ଠାନ । ସେହି IRS ଅଫିସରମାନେ କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ପ୍ରଶାସନିକ ସେବା ପରୀକ୍ଷା ମାଧ୍ୟମରେ ମନୋନୀତ ହୋଇଥିଲେ । ସେହି IRS ଅଫିସରମାନେ ନିଯୁକ୍ତି ପାଇବା ପୂର୍ବରୁ ୧୬ ମାସ ଧରି ତାଲିମ ନେଇଛନ୍ତି ।

## ଇସି-ରେକର୍ଡ ସିଜର୍

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପୂର୍ବରୁ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ୪ ହଜାର ୬୫୦ କୋଟି ଟଙ୍କା ଜବତ କରିଛନ୍ତି । ନିର୍ବାଚନ କମିଶନ କହିଛି ୨୦୧୯ ଲୋକସଭା ନିର୍ବାଚନ ସମୟରେ ୩ ହଜାର ୪୭୫ କୋଟି ଟଙ୍କା ଜବତ କରାଯାଇଥିଲା । ନିର୍ବାଚନ କମିଶନ କହିଛି ଜବତ ହୋଇଥିବା ସାମଗ୍ରୀ ମଧ୍ୟରୁ ଶତକଡ଼ା ୪୫ ଭାଗ ହେଉଛି ନିଶାଦ୍ରବ୍ୟ । ଉପଯୁକ୍ତ ଯୋଜନା, ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ଓ ଜନସାଧାରଣଙ୍କ ଅଂଶଗ୍ରହଣ ଯୋଗୁଁ ଏତେ ପରିମାଣର ପଦାର୍ଥକୁ ଜବତ କରାଯାଇଛି । ନିର୍ବାଚନ କମିଶନ କହିଛି ମାର୍ଚ୍ଚ ପହିଲା ଠାରୁ ପ୍ରତିଦିନ ୧୦୦ କୋଟି ଟଙ୍କା ଜବତ କରାଯାଉଛି ।

ନିର୍ବାଚନ କମିଶନ କହିଛି ଏହିସବୁ ଅର୍ଥ ଜବତରୁ ନିର୍ବାଚନକୁ ସମସ୍ତଙ୍କ ପାଇଁ ସମାନ କରିବା ଓ ବେଆଇନ କାର୍ଯ୍ୟ ବନ୍ଦ କରିବା ଲାଗି ନିର୍ବାଚନ କମିଶନ୍‌ର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି । ଲୋକସଭା ନିର୍ବାଚନକୁ ଅର୍ଥ ଅପବ୍ୟବହାରରୁ ଦୂରରେ ରଖିବା ଓ ନିର୍ବାଚନରେ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ନ ଦେବା ଲାଗି ନିର୍ବାଚନ କମିଶନ ର ସଂକଳ୍ପର ଏହା ଫଳାଫଳ । ନିର୍ବାଚନ କମିଶନ ୧୦୬ ଜଣ ସରକାରୀ ଅଫିସରଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେହି ଅଫିସରମାନେ ନିର୍ବାଚନ ଆଚରଣ ବିଧିର ଲଂଘନ କରି ରାଜନୈତିକ ନେତାମାନଙ୍କୁ ପ୍ରଚାରରେ ସହାୟତା କରିଥିଲେ ।

## ଏମ୍‌ଏଚ୍‌ଏ-ବର୍ଡର

ପ୍ରକୃତ ନିୟନ୍ତ୍ରଣରେଖା ଠାରେ ଚୀନ୍ ପଟରୁ ଅତର୍କିତ ଆକ୍ରମଣର ସମ୍ଭାବନା ବିଷୟରେ ଭାରତ-ତିବ୍ବତ ସୀମା ପୋଲିସ୍ ର ଏକ ରିପୋର୍ଟକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ଏକ ପୋଷ୍ଟକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଭ୍ରାନ୍ତିକର ଓ କ୍ଷତିକାରକ ବୋଲି ବର୍ଣ୍ଣନା କରିଛି । ମନ୍ତ୍ରଣାଳୟ କହିଛି ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ସେହି ଲେଖା ଅତ୍ୟନ୍ତ ବିଭ୍ରାନ୍ତିକର, ଅନିଷ୍ଟକାରୀ ଓ ଜାତୀୟ ସୁରକ୍ଷା ଭଳି ସମ୍ବେଦନଶୀଳ ବିଷୟ ପ୍ରତି ଉଦ୍ଦେଶ୍ୟପ୍ରଣୋଦିତ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରଣାଳୟ ଏକ ସ୍ପଷ୍ଟୀକରଣ ଦେଇଛି । ମନ୍ତ୍ରଣାଳୟ କହିଛି ଭାରତ-

ତିବ୍ବତ ସୀମା ପୋଲିସ୍ ଏଭଳି କୌଣସି ଆଭ୍ୟନ୍ତରୀଣ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଦେଇ ନାହିଁ ।

ITBP ' ସରକାରଙ୍କ ପାଖକୁ ଏକ ଚିଠି ଲେଖି ପ୍ରକୃତ ନିୟନ୍ତ୍ରଣରେଖାର ୧୯ଟି ସ୍ଥାନରେ ଚୀନ୍ ସୈନ୍ୟମାନଙ୍କ ଦ୍ୱାରା ଅତର୍କିତ ଆକ୍ରମଣ ର ସମ୍ଭାବନା ଥିବା କଥା ସେହି ବିଭ୍ରାନ୍ତିକର ପୋଷ୍ଟରେ ଉଲ୍ଲେଖ ରହିଛି ।

## ୟୁଏସ୍-ୱେଷ୍ଟ୍ ଏସିଆ

ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନୀ ବ୍ଲିଙ୍କେନ୍ ଜୋର୍ଡାନ୍, ସାଉଦିଆରବ, ଟର୍କି ଓ ଇଜିପ୍ଟ ବୈଦେଶିକ ମନ୍ତ୍ରୀମାନଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଥିବା ବେଳେ ଆମେରିକା ପ୍ରତିରକ୍ଷାମନ୍ତ୍ରୀ ଲଏଡ୍ ଅଷ୍ଟିନ୍' ସାଉଦି ଆରବ ଓ ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀମାନଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା କରିଛନ୍ତି । ପଶ୍ଚିମ ଏସିଆରେ ସଂକଟ ବୃଦ୍ଧି ପାଉଥିବାର ସଂକେତ ମିଳୁଥିବା ଭଳି ସମୟରେ ଏହି ଘଟଣା ଘଟିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ G-7 ନେତାମାନଙ୍କ ସହ ସମ୍ମିଳନୀରେ ଯୋଗଦେବା ଓ ଜୋର୍ଡାନ୍‌ର କିଙ୍ଗ୍ ଅବଦୁଲା ଏବଂ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଟେଲିଫୋନ୍‌ରେ ପୃଥକ କଥାବାର୍ତ୍ତା କରିବା ପରେ ଏହି କୂଟନୈତିକ କାର୍ଯ୍ୟକଳାପ ଆରମ୍ଭ ହୋଇଛି । ସମସ୍ତ କଲ୍ ମାଧ୍ୟମରେ ଆମେରିକା

ନେତୃତ୍ୱ ଉତ୍ତେଜନା ସୃଷ୍ଟିକୁ ରୋକିବାର ଆବଶ୍ୟକତା ପ୍ରତି ଗୁରୁତ୍ୱ ଦେଇଛନ୍ତି । ଇସ୍ରାଏଲ୍‌ର ସୁରକ୍ଷା ପାଇଁ ଆମେରିକା ମଧ୍ୟ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛି । ଗାଜା ରେ ସୃଷ୍ଟି ହୋଇଥିବା ସଂକଟର ସମାଧାନ ଲାଗି କୂଟନୈତିକ ଉଦ୍ୟମ ଆରମ୍ଭ ସକାଶେ ସେମାନେ ଗୁରୁତ୍ୱ ଦେଇଛନ୍ତି । ଇତିମଧ୍ୟରେ ଶ୍ରୀ ବାଇଡେନ୍ ଗତକାଲି ସିନେଟ୍ ସଂଖ୍ୟାଗରିଷ୍ଠ ନେତା ଚକ୍ ସୁମେର୍ ଓ ହାଉସ୍ ସ୍ପିକର ମାଇକ୍ ଜନ୍‌ସନ୍‌ଙ୍କ ସହ ଟେଲିଫୋନ୍ କଥାବାର୍ତ୍ତାରେ ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣ ବିଷୟରେ କଥାବାର୍ତ୍ତା କରିଥିଲେ ।